# କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**୨୦୨୦ ମସିହା ଫେବୃୟାରୀ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

- ତଳିଘରାରେ ଉକୁଣିଆ ପୋକ ଦେଖାଗଲେ ଏକର ପ୍ରତି NSKE (ଆଜାଡିରାକ୍ଟିନ୍) ୮୦୦ ମି.ଲି. କିମ୍ବା ଲାମ୍ବଡା ସାଇହାଲୋଥ୍ରିନ୍ ୫% ଇ.ସି. ୧୦୦ ମି.ଲି. କିମ୍ବା ଥାୟାମିଥୋକ୍ସାମ୍ ୨୫% ଡବ୍ଲୁ.ଜି ୪୦ ଗ୍ରାମ୍ ସିଞ୍ଚନ କରନ୍ତୁ ।
- ତଳିଘରାରେ ତଳିପଚା ରୋଗ ଦେଖାଦେଲେ କାର୍ବେଣ୍ଡାଜିମ୍ (ବାଭିଷ୍ଟିନ୍) ୨ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ କିମ୍ବା ପ୍ରୋପିକୋନାଜୋଲ୍ (ଟିଲ୍ଟ) ୧ ମି.ଲି.୧ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

**ମୁଖ୍ୟ ଜମିରେ ତଳିରୁଆ କରିବାକୁ ବାକିଥିଲେ**

- ଜମିକୁ ଭଲଭାବେ ଦ୍ୱିତୀୟ ଥର ପାଇଁ କାଦୁଅ କରି ସମତୁଲ କରିଦିଅନ୍ତୁ । ଏହା ଫଳରେ ସମାନ ଭାବରେ ଗଛ ରୁଆ ଯାଇପାରିବ ।
- ତଳି ମୂଳକୁ ୦.୧% ପ୍ଲାଣ୍ଟୋମାଇସିନ୍ ଦ୍ରବଣରେ ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡାଇ ରଖନ୍ତୁ, ଫଳରେ ବୀଜାଣୁ / ବ୍ୟାକ୍ଟେରିଆ ଜନିତ ପତ୍ରପୋଡା ରୋଗ ପ୍ରାର୍ଦୁଭାବ ଅଞ୍ଚଳରେ ଏହାର ଦମନ ହୋଇପାରିବ ।
- ଧାନ ତଳିକୁ ବୁଦା ପ୍ରତି ୨ ରୁ ୩ଟି ହିସାବରେ ୧୫ x ୧୫ ସେ.ମି. ବ୍ୟବଧାନରେ ସିଧାଭାବରେ ଓ ଅଳ୍ପ ଗଭୀରରେ ରୋଇବା ଉଚିତ୍ ।
- ରୁଆ ଧାନ ପାଇଁ ପ୍ରତି ଏକର ପିଛା ସମୁଦାୟ ୪୦:୨୦:୨୦ କି.ଗ୍ରା. ଯବକ୍ଷାରଜାନ:ଫସଫରସ୍:ପଟାସ୍ ସାର ଅନୁମୋଦିତ ଅଟେ, ଏଣୁ ମୂଳସାର ଭାବେ, (ୟୁରିଆ ୪.୫ କି.ଗ୍ରା. + ଡି.ଏ.ପି. ୪୪ କି.ଗ୍ରା. + ଏମ୍.ଓ.ପି ୩୩ କି.ଗ୍ରା.) କିମ୍ବା (ୟୁରିଆ ୨୨ କି.ଗ୍ରା. + ଏସ୍.ଏସ୍.ପି. ୧୨୫ କି.ଗ୍ରା. + ଏମ୍.ଓ.ପି ୩୩ କି.ଗ୍ରା.) ଶେଷଥର କାଦୁଅ କରିବା ସମୟରେ ମୂଳସାର ଭାବେ ବ୍ୟବହାର କରିବା ଉଚିତ୍ । ଶଙ୍କର କିସମ ଧାନରେ ଏକର ପିଛା ୪୮:୨୪:୨୪ କି.ଗ୍ରା. ଯବକ୍ଷାରଜାନ:ଫସଫରସ୍:ପଟାସ୍ ସାର ବ୍ୟବହାର କରନ୍ତୁ । ଏଣୁ ମୂଳସାର ଭାବେ, (ୟୁରିଆ ୫.୫ କି.ଗ୍ରା. + ଡି.ଏ.ପି. ୫୨ କି.ଗ୍ରା. + ଏମ୍.ଓ.ପି ୩୦ କି.ଗ୍ରା.) କିମ୍ବା (ୟୁରିଆ ୩୫ କି.ଗ୍ରା. + ଏସ୍.ଏସ୍.ପି. ୧୫୦ କି.ଗ୍ରା. + ଏମ୍.ଓ.ପି ୩୦ କି.ଗ୍ରା.) ଶେଷଥର କାଦୁଅ କରିବା ସମୟରେ ବ୍ୟବହାର କରିବା ଉଚିତ୍ ।

**ମୁଖ୍ୟଜମିରେ ତଳିରୁଆ ସରିଯାଇଥିଲେ**

- ରୁଆ ଧାନରେ ମିଶ୍ରିତ ବାଲୁଙ୍ଗା ଦମନ ପାଇଁ ବେନ୍‌ସଲଫ୍ୟୁରାନ୍ ମିଥାଇଲ୍ + ପ୍ରେଟିଲାକ୍ଲୋର ମିଶ୍ରଣ (Londax Power ଗୁଣ୍ଡ/ ଇରେଜ୍ ଷ୍ଟ୍ରଙ୍ଗ୍) ପ୍ରତି ଏକର ପିଛା ୪ କି.ଗ୍ରା. ହିସାବରେ ରୋଇବାର ୫-୧୦ ଦିନରେ ଏକର ପିଛା ୪ କି.ଗ୍ରା. ବାଲି ସହିତ ମିଶାଇ ବିଲରେ ସମାନ କରି ପ୍ରୟୋଗ କରନ୍ତୁ କିମ୍ବା ଏକର ପିଛା ପାଇରାଜୋସଲଫ୍ୟୁରାନ୍ ଇଥାଇଲ ୧୦ ଡବ୍ଲ୍ୟୁ.ପି ୮୦ ଗ୍ରାମ୍ ୧୪୦ ଲିଟର ପାଣିରେ ମିଶାଇ ତଳି ରୋଇବାର ୫ ରୁ ୭ ଦିନ ରେ ସିଞ୍ଚନ କରନ୍ତୁ ।

- ହଳଦିଆ କାଣ୍ଡାବିନ୍ଧା ପୋକର ନିରୀକ୍ଷଣ ପାଇଁ ରୁଆ ଧାନରେ ଏକର ପିଛା ୩ ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତା ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ଟି ହୋଇଯିବ, ତେବେ ଏକର ପିଛା ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୮୦୦ ମି.ଲି.୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଏକର ପିଛା କ୍ଲୋରାନ୍‌ଟ୍ରାନିଲିପ୍ରୋଲ୍ ୪% ଜି.ଆର୍ ୪ କି.ଗ୍ରା.କୁ ୪ କି.ଗ୍ରା. ବାଲି ସହିତ ସମାନ ଭାବରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନ୍‌ଟ୍ରାନିଲିପ୍ରୋଲ୍ ୧୮.୫% ଏସ୍.ସି ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଏକର ପିଛା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ୧୦ କି.ଗ୍ରା ବ୍ୟବହାର କରନ୍ତୁ ।

**ତଳି ରୋଇବାର ୧୫ ରୁ ୨୦ ଦିନ ହୋଇଯାଇଥିଲେ**

- ସକ୍ରିୟ ପିଲ ଅବସ୍ଥା, ଅର୍ଥାତ୍ ତଳି ରୁଆର ୨ ରୁ ୩ ସପ୍ତାହ ପରେ ଏକର ପ୍ରତି ୪୪ କି.ଗ୍ରା. ୟୁରିଆ ପ୍ରଥମ ମୂଳସାର ଭାବରେ ପ୍ରୟୋଗ କରନ୍ତୁ ।
- କାଣ୍ଡାବିନ୍ଧା ପୋକର ନିରୀକ୍ଷଣ କରନ୍ତୁ ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ଟି ହୋଇଯିବ, ତେବେ ଏକର ପିଛା ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୮୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଏକର ପିଛା କ୍ଲୋରାନ୍‌ଟ୍ରାନିଲିପ୍ରୋଲ୍ ୪% ଜି.ଆର୍ ୪ କି.ଗ୍ରା.କୁ ୪ କି.ଗ୍ରା. ବାଲି ସହିତ ସମାନ ଭାବରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନ୍‌ଟ୍ରାନିଲିପ୍ରୋଲ୍ ୧୮.୫% ଏସ୍.ସି ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଏକର ପିଛା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ୧୦ କି.ଗ୍ରା ବ୍ୟବହାର କରନ୍ତୁ ।

ବି.ଦ୍ର :

- ଚାଷୀମାନଙ୍କୁ ଉପଦେଶ ଦିଆଯାଉଛି କି ପୋକମରା ଔଷଧଗୁଡିକ ସୂର୍ଯ୍ୟକିରଣ ପଡୁଥିବା ଦିନରେ ପକାନ୍ତୁ ତା ସହିତ ଟିପୋଲ ଅଠା ୧ ମି.ଲି. ଲିଟର ପିଛା ବ୍ୟବହାର କରନ୍ତୁ ।
- ଏହି ସମୟରେ ମେଘୁଆ ପାଗ ହେଲେ ମହିଷା ରୋଗ ଦେଖାଯିବାର ସମ୍ଭାବନା ଥାଏ । ଯଦି,ମହିଷା ରୋଗ ଦେଖାଯାଏ ତେବେ ଏକର ପିଛା ୨୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୨୦୦ ମି.ଲି. ଏଡିଫେନୋଫସ୍ ୫୦ ଇ.ସି. ୨୦୦ ଲିଟର ପାଣିରେ ମିଶାଇ ବ୍ୟବହାର କରନ୍ତୁ ।

******